
text of the time..

# ଜୋନାଥନ୍‌ର ଡେଣା



ଶୈଳେନ୍ଦ୍ର ଦ୍ୱିବେଦୀ

**ଚଲାପାଣି, ଚାଲୁବାବା**

ଏବେ ଏବେ ଚର୍ଚ୍ଚାକୁ ଆସିଛନ୍ତି ଜଣେ ବାବା ।କେବଳ 'ବାବା'କହିଲେସମ୍ଭବତଃ ଠିକ୍‌ହେବ ନାହିଁ , କାରଣ ସେ ମହାଶୟ ନିଜକୁ ଈଶ୍ୱରଙ୍କ ଅବତାରବୋଲି ଦାବି କରି ଆସୁଛନ୍ତି ।ସାକ୍ଷାତ୍‌ଈଶ୍ୱର ତ !ବାବା ବସୁଥିଲେ ରୀତିମତସିଂହାସନରେ ।ବେକରେ ଗଜରା ହାର , ଶୁଭ୍ର ବସ୍ତ୍ର , ଆଗରେ ପ୍ରବଚନ ଶୁଣିବାପାଇଁ ହଜାର ହଜାର ଭକ୍ତ ।ମହାଶୟଙ୍କ ପ୍ରବଚନ ଲୋକେ ନିତିଦିନ ଟିଭିରେ ବିଶୁଣୁଥିଲେ ଏବଂ ଗଦ୍‌ଗଦ୍‌ହୋଇଯାଉଥିଲେ ।ଏଠି ପଡ଼ୋଶୀଙ୍କ ସହିତ ମୋରଅନେକଥର ଯୁକ୍ତିତର୍କ ମଧ୍ୟ ହୋଇଛି , କାରଣ ଟିଭିରେ ବାବାଙ୍କ ପ୍ରବଚନଶୁଣିବାବେଳେ ସେ ଭଲ୍ୟୁମ୍‌ଖୁବ୍‌ଜୋର୍‌ରେ ଦେଉଥିଲେ ଏବଂ ତାଙ୍କ ଘରରକବାଟ ଝର୍କା ସବୁ ଖୋଲି ଦେଉଥଲେ ।ପଚାରିଲି, ଏତେ ଶବ୍ଦ ସହିତ ପ୍ରବଚନରକ'ଣ ସମ୍ପର୍କ ? ଗଦ୍‌ଗଦ୍‌ହୋଇ ସେ ଉତ୍ତର ଦେଲେ , " ଆଜ୍ଞା ବାବାଙ୍କଦିବ୍ୟବାଣୀରେ ଏ ସମୁଦାୟ କଲୋନୀ ପବିତ୍ର ହୋଇଯାଉ"- ଏହାହିଁ ମୋରଉଦ୍ଦେଶ୍ୟ ।ବାବା ସାକ୍ଷାତ୍‌ଈଶ୍ୱର ।ଅର୍ଥାତ୍, କେବଳ ଶବ୍ଦ ନୁହନ୍ତି , ଶବ୍ଦବ୍ରହ୍ମ ।ଅପୂର୍ବ ତାଙ୍କର ସଙ୍ଗୀତ ।ପାଠକେ, ୨ ଦିନ ହେବ ପଡ଼ୋଶୀ ତାଙ୍କର ପରିବାରସମେତ ଅଦୃଶ୍ୟ ହୋଇଯାଇଛନ୍ତି ।ଶୁଣିଲି, ସେ ଭୀଷଣ ମର୍ମାହତ ।

ଏବେ ବାବାଙ୍କୁ ନେଇ ସାରା ରାଜ୍ୟରେ ଉତ୍ତେଜନା ।ଆଇନ ଶୃଙ୍ଖଳା ପରିସ୍ଥିତି । ଲୋକେ ତାଙ୍କ ଫଟୋ / ପୋଷ୍ଟର ନଷ୍ଟ କରିଦେଉଛନ୍ତି ; କୁଶ ପୁତ୍ତଳିକା ଦାହ କରୁଛନ୍ତି ।ଟିଭିରେ ବାବାଙ୍କୁ ନେଇ ଆଲୋଚନାର ଅନ୍ତ ନାହି ।କିଛି ତାଙ୍କୁ ଗିରଫ କରିବା ପାଇଁ ଦାବୀ କରୁଥିବା ବେଳେ ଆଉ କିଛି ଦାନ୍ତ ଚିପି କହୁଛନ୍ତି - ଅପେକ୍ଷା କରାଯାଉ ।ଆଗ ଅନୁସନ୍ଧାନ ସରୁ ।ଆଇନ ତା'ବାଟରେ ଯାଉ (ଆପଣ ଜାଣନ୍ତି ଯେ ଆମ ରାଜ୍ୟରେ ଆଉ କେହି ବାଟରେ ଯାଉ ନ ଯାଉ , ଆଇନ ଅବଶ୍ୟ ଅଦୃଶ୍ୟରେ ତା' ବାଟରେ ଚାଲୁଥାଏ) । ଅନ୍ୟପକ୍ଷରେ ଢ଼େର୍‌ଶ୍ରଦ୍ଧାଳୁ , ଯେଉଁମାନଙ୍କ ଭିତରେ ବଡବଡ ନେତା ଏବଂ ଅନ୍ୟାନ୍ୟ ପ୍ରସିଦ୍ଧମାନେ ଅନ୍ତର୍ଭୁକ୍ତ , ଏସବୁ ଚକ୍ରାନ୍ତ ବୋଲି ଯୁକ୍ତି ଉପସ୍ଥାପନ କରୁଛନ୍ତି । ସ୍ୱୟଂ ବାବା ବିବୃତି ଦେଇଛନ୍ତି ଯେ ସେ ଆଦୌ ଭୁଲ୍‌କରିନାହାନ୍ତି । ଆପଣା ଧାମ ଏବଂ ରାଜ୍ୟ ବାହାରେ ଥିବାବେଳେ ମଝିରେ ମଝିରେ ଜିନ୍ସ ପିନ୍ଧିବା ଅଭ୍ୟାସ ତାଙ୍କର ଅବଶ୍ୟ ରହିଛି । ଏବଂ ସେଥିରେ କୌଣସି ଅସଂଗତି ନାହିଁ । ବରଂ ସନାତନ ହିନ୍ଦୁଧର୍ମକୁ ବଦ୍‌ନାମ କରିବା ପାଇଁ ଷଡଯନ୍ତ୍ର ରଚାଯାଉଛି । ସେ ଚଲାପାଣି ପରି ନିର୍ମଳ , ଶତ ପ୍ରତିଶତ ଏବଂ ଆଗକୁ ସବୁ ସ୍ପଷ୍ଟ ହେବ । ତାଙ୍କର ଭକ୍ତମାନେ କୁହନ୍ତି , ବାବା ଯାହା କରିଛନ୍ତି- ମନ୍ଦିର , ସଭାସ୍ଥଳ, ସଂପତ୍ତି- ଏ ସମସ୍ତ ଦାତବ୍ୟ ଟ୍ରଷ୍ଟର । ଅର୍ଥାତ୍‌ସେ ଜଣେ ସମର୍ପିତ , ମୁକ୍ତ ପୁରୁଷ ।ପ୍ରବନ୍ଧ ଲେଖିବାବେଳକୁ ବାବା ରହୁଥିବା ଅଞ୍ଚଳରେ ଉତ୍ତେଜନା ଲାଗି ରହୁଥିଲା।ଅଧିକାଂଶ ଦୈନିକ ଖବରକାଗଜର ଶିରୋନାମା ବନିଥିଲା ବାବାଙ୍କ କାର୍ଯ୍ୟକଳାପ ଏବଂ ଟିଭି ଚ୍ୟାନେଲ୍‌ରେ ଆଲୋଚନା ଚାଲିଥଲା । କୌଣସି ବାବାଙ୍କୁ ନେଇ ଏମିତି କାଣ୍ଡ (ଏମିତି ମାତ୍ରାରେ) ଆମ ରାଜ୍ୟରେ ଦୃଷ୍ଟିକୁ ଆସିନଥିଲା । ତେବେ ଭାରତ ପରିପ୍ରେକ୍ଷୀରେ ଏହା କ୍ରମଶଃ ସାଧାରଣ ହୋଇଆସୁଛି । ଲୋକେ ସବୁ ତ ଜାଣନ୍ତି , କିନ୍ତୁ ରହସ୍ୟମୟ କାରଣରୁ ଜଣେ ବାବା ଖୁବ୍‌ବିବାଦୀୟ ହୋଇ ନ ପଡିଲେ ବା ଜେଲ୍‌ନଗଲେ ତାଙ୍କ ପତିଆରା ହ୍ରାସ ପାଏନାହିଁ । ଯଦିବି ସେମିତି ଘଟେ , ସେଯାଗା ମାଡିବସନ୍ତି ଆଉ କେଉଁ ନୂଆ ବାବା ।ବାସ୍‌ତେଣିକି ସମାନ ସମାଗମ , ସମାନ ପ୍ରବଚନ,

ସମାନ ହରିବୋଲ, ସମାନ ଉନ୍ମାଦପଣ ।

ଏ ସଂପର୍କରେ ଆଲୋଚନା କରିଥିଲି ଜଣେ ପରିଚିତ ମନସ୍ତତ୍ତ୍ୱବିତ୍‌ଙ୍କ ସହିତ , ଯିଏ କଲେଜରେ ମୋର ପ୍ରଫେସର ଥଲେ । ସେ କହିଲେ , ଆଉ କୋଉଠି କିଛି ଅଲଗା ହୋଇପାରେ କିନ୍ତୁ ତୁମ ପୁଣ୍ୟଭୂମି ଭାରତରେ'ବାବା ବ୍ୟବସ୍ଥା' ସୁଦୃଢ଼ । 'ବାବା ବ୍ୟବସ୍ଥା' ମୋତେ ସାମାନ୍ୟ ଅଡୁଆ ଲାଗୁଥାଏ । ପ୍ରଫେସର କହିଲେ , ଗତ ୧୦/୧୫ ବର୍ଷ ଭିତରେ ଏମିତି କିଛି ନା କିଛି ପ୍ରତିବର୍ଷ ଗଣମାଧ୍ୟମରେ ଚର୍ଚ୍ଚାକୁ ଆସୁଛି ଏବଂ ଆଗକୁ ବି ଆସିବ । ସାର୍‌ପୁଣି କହିଲେ ଏହା ଏକ ଶିଳ୍ପ ବି (କେହି ତଥାକଥିତ ସାଧୁ/ ବାବା ବ୍ୟବସ୍ଥାରେ ପରିଣତ ହେବା ଏବଂ ବ୍ୟବସ୍ଥାର କ୍ରମବିକାଶ ହେବା । ଅର୍ଥାତ୍, ସ୍ଥାନୀୟରୁ ଜିଲ୍ଲାସ୍ତରୀୟ, ରାଜ୍ୟସ୍ତରୀୟ, ଜାତୀୟ ଏବଂ ଆନ୍ତର୍ଜାତିକ ସଂଗଠନ/ନେଟ୍‌ୱାର୍କ/ଖ୍ୟାତି) ।ଆରମ୍ଭରୁ ଯାହା କେତେ ବର୍ଷ କଠିନ ପରିଶ୍ରମ କରିବା ପାଇଁ ପଡିଥାଏ । ଅଭିନୟ କରିବା ପାଇଁ ପଡେ । ଲୋକ ସମ୍ପର୍କ ରଖିବା ପାଇଁ ପଡେ । ବହିପତ୍ର ପଢ଼ାପଢ଼ି କରିବା ପାଇଁ ପଡେ (ପ୍ରବଚନ ପାଇଁ) ଏବଂ ପ୍ରଚାରପ୍ରସାର ପାଇଁ ଗଣମାଧ୍ୟମ ସମେତ ବଡବଡନେତାଙ୍କୁ ଧରିବା ପାଇଁ ପଡେ । ଯେତେ ପ୍ରଭାବଶାଳୀ ହେବ ପ୍ରଚାର , ସେତେ ପ୍ରଭାବଶାଳୀ ହେବ ବାବା ବ୍ୟବସ୍ଥା । ପ୍ରାଥମିକ ପ୍ରସିଦ୍ଧି ପରେ ପାରିବାର ପରିଚାଳକ/ମ୍ୟାନେଜର ଦରକାର ହୁଅନ୍ତି । ବ୍ୟବସ୍ଥାର କାର୍ଯ୍ୟକ୍ରମକୁ ସୁସଂଗଠିତ କରିବା ପାଇଁ ଦାତବ୍ୟ କାର୍ଯ୍ୟକ୍ରମ ମଝିରେ ମଝିରେ ଚାଲେ । ବିଶ୍ୱାସ ଜନ୍ମାଇବା ପାଇଁ ପ୍ରବଚନ ଆରମ୍ଭ ହୁଏ, ଯଜ୍ଞାନୁଷ୍ଠାନ ହୁଏ ଓ ପରିକ୍ରମା ହୁଏ ।ଆସ୍ତେ ଆସ୍ତେ ଚାନ୍ଦା ବଢ଼େ ।ଭକ୍ତ ବଢ଼ନ୍ତି । ଅଧିକାରୁ ଅଧିକ ବଡବଡିଆ ଭକ୍ତ ଆସନ୍ତି ଏବଂ ତତ୍କାଳ ପାସ୍‌ପୋର୍ଟ/ଟିକେଟ୍‌ମିଳିବା ପରି ବାବାଙ୍କୁ ତତ୍‌କ୍ଷଣାତ୍‌ଦର୍ଶନ କରିବା ପାଇଁ 'ପ୍ରଣାମୀ' ବଦଳରେ ସେମାନଙ୍କୁ ସୁଯୋଗ ମିଳେ । ଏଇ ସ୍ୱଚ୍ଛଳମାନେ ଯେକୌଣସି ବାବା ବ୍ୟବସ୍ଥାର ରକ୍ଷାକବଚ । ମୁଁ କହିଲି , କିନ୍ତୁ ଆପଣ କହୁଥିବା ବାପା ବ୍ୟବସ୍ଥାରେ କେବଳ ସ୍ୱଚ୍ଛଳ/ ସମ୍ଭ୍ରାନ୍ତ ନାହାନ୍ତି , ମଧ୍ୟବିତ୍ତମାନେ ଅଛନ୍ତି- ଅତି ଗରିବ ବି ଅଛନ୍ତି । ଅନୁଗାମୀ ସବୁ ବର୍ଗରୁ । ଝାଞ୍ଜି ସମସ୍ତେ ପିଟୁଛନ୍ତି । ପ୍ରଫେସର ହସିଲେ । କହିଲେ, ହଁ ସମସ୍ତେ ଅଛନ୍ତି ।ଉପରକୁ ସଭିଙ୍କ ଉଦ୍ଦେଶ୍ୟ ଏକା ଲାଗିପାରେ, କିନ୍ତୁ ସମସ୍ତଙ୍କ ଏଜେଣ୍ଡା ଅଲଗା । ଉଦ୍ଦେଶ୍ୟ ଭିନ୍ନ ।

ପ୍ରଫେସର କହିଲେ , ଅନୁଗାମୀଙ୍କ ତାଲିକାରେ ସବୁଠୁ ଅଧିକ ମଧ୍ୟବର୍ଗ । ସ୍ୱାଧୀନୋତ୍ତର ଭାରତର ଏଇମାନେ ହିଁ ଆଧାର । ସ୍ୱପ୍ନଭୁକ୍। ସ୍ୱପ୍ନଦର୍ଶୀ । ଏମାନଙ୍କର ଗୋଟାଏ ପାଦ ଭୂଇଁରେ । ଆରପାଦ ବିସ୍ତୃତ ଆକାଶକୁ । ଅଥଚ ଏମାନଙ୍କ ସ୍ଥିତି ଅଧାସ୍ୱର୍ଗରେ । ଏମାନଙ୍କ ପାଖରେ ସାଧନ ଅଛି , ସମ୍ବଳଅଛି, ମାତ୍ର ତାହା ଉପରକୁ ଯିବା ପାଇଁ ପର୍ଯ୍ୟାପ୍ତ ନୁହେଁ । ବାବା ବ୍ୟବସ୍ଥା ହେଉଛି ଏମାନଙ୍କୁ ଆଉ ଟିକେ ଫର୍ଚ୍ଚା ଜୀବନ ଦେଖେଇବା ପାଇଁ ଗୋଟାଏ ସିଡି , ଯାହାର ଆଧ୍ୟାତ୍ମିକତା ବା ଇଶ୍ୱରଙ୍କ ସହିତ ସମ୍ପର୍କ ନିରୋଳା ଲୋକଦେଖାଣିଆ । ବାବାଙ୍କ ପ୍ରସାଦରୁ ଏମାନେ ସ୍ଥୁଳ ଜୀବନରେ କେମିତି କୃତାର୍ଥ ହେବେ- ଉପାର୍ଜନ ବଢ଼ିବ , ପତିଆରା ବଢ଼ିବ, ସେଥିପାଇଁ ଭିଡ କରନ୍ତି ।ସଂକୀର୍ତ୍ତନରେ ସାମିଲ ହୁଅନ୍ତି । ବାକି ୧୫ ଜଣଙ୍କଠାରୁ ଏମାନେ ଅଲଗା ଦେଖାଯିବା ଜରୁରୀ ଏବଂ ତାହାହିଁ ସେମାନଙ୍କ ମୋକ୍ଷ/ନିର୍ବାଣ । କିଛି କ୍ଷେତ୍ରରେ ବାବାଙ୍କ ଏକାନ୍ତ ଅନୁଗତ ସ୍ତରକୁ ଗଲେ ଏ ସୁଯୋଗ ମିଳିଯାଏ , କାରଣ ଅବିକଳ ସୋସିଆଲ୍‌ନେଟ୍‌ୱାର୍କିଂ ପରି

ବାବାଙ୍କ ସାମ୍ରାଜ୍ୟ । ମୁଁ ପଚାରିଲି , ଆଉ ଗରିବ ଲୋକେ ? ପ୍ରଫେସର କହିଲେ , 'ସେମାନଙ୍କର ଯାତ୍ରା ଦେଖିବାରେ ଆନନ୍ଦ । ବାବା ବ୍ୟବସ୍ଥା ସହିତ ଦୂରନ୍ତ ସମ୍ପୃକ୍ତି ଆଧ୍ୟାତ୍ମିକତା ଛଦ୍ମବେଶରେ ଏମାନଙ୍କୁ ସାମୟିକ ଭାବରେ କୁତୁକୁତୁ ଯାହା କରେ । ବାସ୍‌ସେତିକି । ବାବା ବ୍ୟବସ୍ଥାର ଅସଲ ଲାଭ ଏମାନେ କଦାପି ପାଆନ୍ତି ନାହିଁ । ଯଦି କେବେ କିଛି ଉଜ୍ଜ୍ୱଳତା ଏମାନଙ୍କ ସାଧାରଣ ଜୀବନକୁ ଛୁଏଁ , ଅଂଧବିଶ୍ୱାସ ଯୋଗୁଁ ଏମାନେ ଧରିନିଅନ୍ତ ଯେ ସେ ବିରଳ ସୌଭାଗ୍ୟ ସମ୍ଭବ ହୋଇଛି ବାବାଙ୍କ ସୌଜନ୍ୟରୁ । ଧନୀ ଭକ୍ତ ଓ ପ୍ରଭାବଶାଳୀଙ୍କ ବାବଦରେ ପ୍ରଫେସର କହିଲେ , ଜୀବନରେ ସବୁତ ଏମାନଙ୍କୁ ମିଳିସାରିଛି । ଧନ ସମ୍ପତ୍ତି , ବୃତ୍ତି, ସାମାଜିକ ପ୍ରତିଷ୍ଠା ଯାବତୀୟ ଭୌତିକ ଉପଭୋଗ । କେବଳ ଗୋଟିଏ ଅଦ୍ଭୁତ ଅଭାବ ରହିଛି ଏବଂ ତାହା ହେଉଛି 'ଭୟ' ।ଅଜ୍ଞାତର ଭୟ ।ଆଗକୁ ଏ ଶିରୀ ତୁଟି ଯିବନିତ ? କିଛି ବଡ ବିପଦ ଆଉ ପଡିବନି ତ ! ସିଂହାସନ ଚାଲିଯିବନି ତ ? ମୁଁ କହିଲି , ଆଉ ଇଶ୍ୱର/ ଆଧ୍ୟାତ୍ମିକତା ? ସାର୍‌ହସିଲେ ।କହିଲେ, ତଥାକଥିତ ବାବା ବ୍ୟବସ୍ଥାରେ ଆଧ୍ୟାତ୍ମିକତାର ତଲାସ ଅବିକଳ ମାୟାମିରିଗ ପରି । ଇଶ୍ୱରଙ୍କୁ ଖୋଜିବା ପାଇଁ କ'ଣ ସତରେ କେହି ଶବ୍ଦ , ଚାକଚକ୍ୟ ଏବଂ ଚାତୁରୀକୁ ଖୋଜେ ? ଯଦି ଇଶ୍ୱର ଅଛନ୍ତି , ସେ ମହାଶୟ ତ ଆମ ସହିତ ସଦାବେଳେ ଅଛନ୍ତି । ଏଥିପାଇଁ ହାଇଭୋଲଟେଜ୍‌ଡ୍ରାମାର କି ଲୋଡା ? ବଡବଡିଆମାନେ ବାବା ବ୍ୟବସ୍ଥାକୁ ଏଇଥି ପାଇଁ ଜାବୁଡି ଧରିଥାନ୍ତି ଯେ ଅତୀତର ଭୟ , ସମ୍ଭବତଃ ଆପଣା ପାପର ଭୟ ଏବଂ ଏକ ଅଜବ ଅବସାଦରୁ ସୁରକ୍ଷା ମିଳିବ । ଏଇ ଉଦ୍ଦେଶ୍ୟରେ ଆଧ୍ୟାତ୍ମିକତା ନାଁରେ ସେମାନେ ଏକ ନୂଆ ଅଭିଯାନରେ ବାହାରି ପଡନ୍ତି ଏବଂ ବାବା ବ୍ୟବସ୍ଥାର ପ୍ରଧାନ ପୃଷ୍ଠପୋଷକ ହୁଅନ୍ତି । ମନସ୍ତତ୍ତ୍ୱର ପରିଭାଷାରେ ଏହା ନୂଆ ପ୍ରଜାତିର ଘରୋଇ ଆଧ୍ୟାତ୍ମିକତା ଯାହାର ଅନ୍ତରୀଣ ଉପାଦାନ ହେଉଛି ଏକ ନୂଆ କିସମର ମନୋରଞ୍ଜନର ଅନ୍ୱେଷଣ ତଥା ଅନୁଭବ । ଆସିବା ଆଗରୁ ପ୍ରଫେସରଙ୍କୁ ପଚାରିଲି , ଏବେ ଚର୍ଚ୍ଚାକୁ ଆସିଥିବା ବାବା କହୁଛନ୍ତି , ସେ ଚଲାବାବା- ଅର୍ଥାତ୍‌ଚଲା ପାଣି ପରି ନିର୍ମଳ । ଲୋକେ ଯାହା ଅପପ୍ରଚାର ଚଳାଇଛନ୍ତି ସେସବୁ ମନ୍ଦ ଉଦ୍ଦେଶ୍ୟରେ- ସବୁ ବକ୍‌ୱାସ୍ । ପ୍ରଫେସର ପୁଣି ଥରେ ହସିଲେ । କହିଲେ ଆଉ ଚଲା ବାବା କାହାନ୍ତି ? ସବୁ ଚାଲୁ !

(ପ୍ରମେୟ, ତା: ୧୪/୮/୨୦୧୫)



ପାଠକମାନେ ପରୀକ୍ଷା କରି ଦେଖନ୍ତୁ ତାଙ୍କର ପ୍ରବନ୍ଧମାନଙ୍କୁ ଦେଖିବେ, ଗପ ପଢିବାପରି ଲାଗିବ। ମଝିରେ ମଝିରେ କବିତାର ବିଜୁଳି ମଧ୍ୟ ଝଲସିବ। ଲାଗିବ, ଝଡ ଆସୁଛି, ଲାଗିବ ପ୍ରଳୟ ଆସନ୍ନ, ଏହା ଏକ ଘୂର୍ଣ୍ଣିବାତ୍ୟାର ସୂଚନା..

ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ

ପାଠକୀୟ ଦୃଷ୍ଟିକୋଣରୁ ଶୈଳେନ୍ଦ୍ର ଦ୍ୱିବେଦୀଙ୍କ ରଚନାକୁ ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ପର୍ଯ୍ୟାୟଭୁକ୍ତ ନକରିବା ଭଲ। କାରଣ ବିଭାଗୀକରଣରେ ତା'ର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବାର ଆଶଙ୍କା ଅଛି। ପ୍ରବନ୍ଧର ଗାମ୍ଭୀର୍ଯ୍ୟପୂର୍ଣ୍ଣ ମନନଶୀଳତା ସହ କଥନଶୈଳୀ, ଚରିତ୍ରାନ୍ୟାସ, ବର୍ଣ୍ଣନାରେ ବ୍ୟଙ୍ଗାତ୍ମକ ବ୍ୟଞ୍ଜନା, କାବ୍ୟଧାରାର ଅନୁପମ ପ୍ରବାହ, ଅର୍ଥବହ ଇଙ୍ଗିତ, ଭାବ ବିନିମୟର ଅନୁପମ ନାଟକୀୟତା- ଏ ସବୁ ରହିଛି ତାଙ୍କ ରଚନାରେ। ଲେଖକୀୟ ଆଚରଣଟି ଯାହା ପ୍ରବନ୍ଧସୁଲଭ। ରଚନାଟିରେ ପାଠକୀୟ ଅନୁପ୍ରବେଶ ଭାଙ୍ଗିଦିଏ ତଥାକଥିତ ଆବରଣ ଓ ଆକାର। ଏହା ଫରାସୀ ଲେଖକ କାମ୍ୟୁ ଓ ଇଂରାଜୀ ରଚନାକାର ଆଲଡସ୍ ହକ୍ସଲେଙ୍କ ଗଦ୍ୟ ରଚନା ସହ ତୁଳନୀୟ ବୋଲି ମୁଁ ମନେକରେ। ତେବେ ଶୈଳେନ୍ଦ୍ରଙ୍କ ରଚନାର ସ୍ୱତନ୍ତ୍ର ଗରିମା ଓ ସୌନ୍ଦର୍ଯ୍ୟବୋଧ ମୌଳିକତା ଦୃଷ୍ଟିକୋଣରୁ ଅତୁଳନୀୟ।

ଆଉ ଗୋଟିଏ କଥା। ଶୈଳେନ୍ଦ୍ରଙ୍କ ରଚନା କୌଣସି ଉଦ୍ଦେଶ୍ୟଭିତ୍ତିକ ନୁହେଁ। କାରଣ ଯେ କୌଣସି ଉଦ୍ଦେଶ୍ୟ ସାହିତ୍ୟର ବିଶାଳତାକୁ ସଂକୁଚିତ କରିପାରେ। ପ୍ରକୃତ ରଚନା ହେଉଛି ଏକ ଦର୍ପଣ ଯେଉଁଥିରେ ସମାଜ ତା' ମୁହଁ ଦେଖେ। ତାଙ୍କର ସମସ୍ତ ରଚନା ହେଉଛି ଏକ ସାମାଜିକ ପ୍ରତିଫଳନ। ଆଶା, ପାଠକମାନେ ଏହାର ମୌଳିକତା କୁ ହୃଦୟରେ ଅନୁଭବ କରିବେ।

...ପ୍ରକାଶ ମହାପାତ୍ର

Non-Fiction
Cover: Prakash Mohapatra
Events Publications.
4555 VSS Nagar,
Bhubaneswar- 751007

₹ 180

ISBN 978-908070-1-2
978-81-908070-1-2